# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 July– 2026**

---

# ଉପରାଷ୍ଟ୍ରପତି-ନାଇଜର

ବୈଜ୍ଞାନିକ ଦକ୍ଷତା କୌଣସି ବିକଳ୍ପ ନୁହେଁ, ଏହା ପ୍ରଗତିର ମୂଳଦୁଆ ବୋଲି ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କହିଛନ୍ତି । ଭୁବନେଶ୍ୱର ଜଟଣୀସ୍ଥିତ ନାଇଜରର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି, ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଛି । ବିଜ୍ଞାନର ସାମର୍ଥ୍ୟ ଦ୍ୱାରା ହିଁ ଏହାର ସମାଧାନ ହୋଇପାରିବ । ଏହି ଅବସରରେ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସହ ନିଜ ଜ୍ଞାନକୁ ସମାଜର କଲ୍ୟାଣ ପାଇଁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

# ସ୍ୱାସ୍ଥ୍ୟ ସମୀକ୍ଷା

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରୟାସର ଦ୍ୱିତୀୟ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ରାଜ୍ୟରେ ପ୍ରତିକାରାତ୍ମକ ପଦକ୍ଷେପ ଯୋଗୁଁ ମାତୃ-ନବଜାତ ଶିଶୁ ମୃତ୍ୟୁ ସଂଖ୍ୟା ହାର ହ୍ରାସ ପାଇଥିବା ଜଣାପଡିଛି । ବୈଠକରେ ଯକ୍ଷ୍ମା ନିରାକରଣ ପଦକ୍ଷେପ ଏବଂ ସଚେତନତା  ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟର ୧୩ ହଜାର ୨୭୧ଟି ଗ୍ରାମ ଓ ୱାର୍ଡରେ ଯକ୍ଷ୍ମା ପରୀକ୍ଷଣ ପାଇଁ

ନିଷ୍ପତ୍ତି ହୋଇଛି । ସୁପୋଷିତ ଓଡିଶା ମିଶନ ମାଧ୍ୟମରେ ୨୦୨୯ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଅନ୍ତର୍ଭୁକ୍ତ ଅଞ୍ଚଳକୁ କୁପୋଷଣ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଥିବା ବୈଠକରୁ ଜଣାପଡିଛି ।

# ସେତୁ ବନ୍ଧନ ଯୋଜନା

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁ ବନ୍ଧନ ଯୋଜନାରେ ଆଗାମୀ ୫ବର୍ଷରେ ବିଭିନ୍ନ ସେତୁ ନିର୍ମାଣ ଲାଗି ୧୧ହଜାର ୮ଶହ କୋଟି ଟଙ୍କା ବିନିଯୋଗ କରାଯିବ ।ଏହା ସହ ବ୍ରିଜ କମ୍ ୱେ୍‌ଭ୍ ଯୋଜନା ପାଇଁ ୬ଶହ କୋଟି ଟଙ୍କା ଖର୍ଚ୍ଚ ହେବ । ଏ ସମ୍ପର୍କରେ ବିଭାଗ ପକ୍ଷରୁ ଦୁଇଟି ସଂକଳ୍ପ ଜାରି ହୋଇଛି । ସେତୁ ବନ୍ଧନ ସଂକଳ୍ପରେ ବିଭାଗୀୟ ସଚିବ ଜାମିନୀ ଷଡଙ୍ଗୀ ଉଲ୍ଲେଖ କରିଛନ୍ତି, ବିଜୁ ସେତୁ ଏବଂ ସେତୁ ବନ୍ଧନ ଯୋଜନାରେ ନିର୍ମାଣାଧୀନ ତଥା ଅସମ୍ପୂର୍ଣ୍ଣ ସେତୁଗୁଡିକର ନିର୍ମାଣ ହେବ । ସେହିଭଳି ବ୍ରିଜ କମ୍ ୱେ୍‌ଭ୍ ଯୋଜନାରେ ଛୋଟ ଓ ମଧ୍ୟମ ସେତୁର ନିର୍ମାଣ କରାଯିବ ।

## ଶ୍ରୀଜୀଉଙ୍କ ଚକାବିଜେ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଦଶମୀ ତିଥିରେ ଶ୍ରୀଜୀଉମାନଙ୍କ ଚକାବିଜେ ନୀତି ଅନୁଷ୍ଠିତ ହେଉଛି । ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଏବଂ ଓଷ ଲାଗି ପରେ ମହାପ୍ରଭୁ ଆଜି ଶୋଇବା ଅବସ୍ଥାରୁ ଉଠି ବସିବେ । ମଧ୍ୟାହ୍ନ ଧୂପ ଓ ଭୋଗ ମଣ୍ଡପ ନୀତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟାଯାଇ ଅନବସର ନୀତି ଅନୁଷ୍ଠିତ ହେବ ।

ଏହି ନୀତି ଅନୁଯାୟୀ ଦଇତାପତିମାନେ ଶ୍ରୀଜୀଉମାନଙ୍କୁ ଚକା ଉପରେ ବିଜେ କରାଇବେ। ପରେ ଚକଟା ଓ ପଣା ଭୋଗ ଲାଗି କରାଯିବ। ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ମଧ୍ୟାହ୍ନ ଧୂପ ପରେ ରାଜବୈଦ୍ୟ ଶ୍ରୀମନ୍ଦିର ଗାରଦକୁ ଦଶମୂଳ ମୋଦକ ହସ୍ତାନ୍ତର କରିବେ। ଏକାଦଶୀ ତିଥିରେ ମୋଦକ ସେବନ ପରେ ଶ୍ରୀଜୀଉମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ବିଶ୍ୱାସ ରହିଛି।

## ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲ୍ଲା ଆରଡିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣୀ ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତମାସ ୨୦ତାରିଖ ସୋମବାରଠାରୁ ଶ୍ରାବଣୀ ଉତ୍ସବ ଆରମ୍ଭ ହୋଇ ଅଗଷ୍ଟ ୨୪ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ସୁବିଧା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଚାରାରୋପଣ କାର୍ଯ୍ୟକ୍ରମ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ବ୍ଲକ ବନେଇମୁଣ୍ଡାଠାରେ ଜାତୀୟ ଖାଦ୍ୟ ତେଲ ମିଶନ ଅଧୀନସ୍ଥ ରାଜ୍ୟସ୍ତରୀୟ ବୃହତ ତାଳତେଲ ଚାରାରୋପଣ କାର୍ଯ୍ୟକ୍ରମକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁଭାରମ୍ଭ କରିଛନ୍ତି । ତାଳତେଲ ଉତ୍ପାଦନକୁ କେନ୍ଦ୍ର ସରକାର ଉତ୍ସାହିତ କରୁଥିବାରୁ ଏହି ଚାଷରୁ ଅଧିକ ଉତ୍ପାଦନ କରି ଚାଷୀମାନେ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ସହଯୋଗ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

# ସ୍ୱାସ୍ଥ୍ୟ ପରୀକ୍ଷା

ମାଲକାନଗିରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସାତୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧ହଜାର ୩୨୦ଜଣ ଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଛି । ଏ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି, ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଜିଲ୍ଲା ପ୍ରଶାସନର ପ୍ରାଥମିକତା । ସମସ୍ତ ଛାତ୍ରୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ପ୍ରଶାସନ ସଜାଗ ରହିଛି ।

# ମତ୍ସ୍ୟଚାଷୀ ଦିବସ

ମତ୍ସ୍ୟଚାଷୀଙ୍କ ବିକାଶ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି  ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ କରାଯାଉଛି। ଦେଶରେ ମତ୍ସ୍ୟଚାଷ କ୍ଷେତ୍ରରେ ପ୍ରଫେସର ଡକ୍ଟର ହୀରାଲାଲ୍ ଚୌଧୁରୀ ଏବଂ ତାଙ୍କର ସହଯୋଗୀ ଡକ୍ଟର କେ.ଏଚ୍.ଆଲୁକୁନିହିଙ୍କ ଅବଦାନକୁ ସମ୍ମାନ ଜଣାଇବା ହେଉଛି ଆଜିର ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଉପରାଷ୍ଟ୍ରପତି  ସି.ପି. ରାଧାକୃଷ୍ଣନ ଗତକାଲି ଭୁବନେଶ୍ୱରଠାରେ ଓଡିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ କରିଥିଲେ । ଏହା ଦ୍ୱାରା ମତ୍ସ୍ୟଜୀବୀମାନଙ୍କ ବିକାଶ ସହ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ମିକ୍ସଡ୍ ରିଲେ-ସ୍ୱର୍ଣ୍ଣପଦକ

ଚୀନର ଓର୍ଡୋଶଠାରେ ଚାଲିଥିବା ୨୩ବର୍ଷରୁ କମ୍ ଏସୀଆନ ଆଥ୍ଲେଟିକ୍ ଚାମ୍ପିୟନସିପରେ ଭାରତ ଦଳକୁ ମିକ୍ସଡ୍ ରିଲେରେ ସ୍ୱର୍ଣ୍ଣପଦକ ମିଳିଛି । ଏହି ଭାରତୀୟ ଦଳରେ ଓଡିଶାର ଆସ୍ତିକ ପ୍ରଧାନ ମଧ୍ୟ ସାମିଲ ଅଛନ୍ତି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରୁ ଗତକାଲି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ପରେ ବର୍ତ୍ତମାନ ୧୦ଟି ଗେଟ୍ ଦେଇ ଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି । ଆଜି ସକାଳ ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୪ ଦଶମିକ ୪/୭ ଘନଫୁଟ ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୮୫ହଜାର ୧୦୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧ଲକ୍ଷ ୮୧ହଜାର ୪ଶହ ଘନପୁଟ ଜଳ ନିଷ୍କାସିତ ହେଉଛି ।